# ପିଲାଙ୍କ ଧରିତ୍ରୀ


ଶନିବାର, ୧୨ ଜାନୁୟାରୀ, ୨୦୧୯



୮ ଆଇନା



ଆସ ଜାଣିବା ୩



୪ ତୁମ ତୂଳୀରୁ

୭ ଜଣା -ଅଜଣା



## ମତାମତ

➢ ଗଳ୍ପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ବେଙ୍ଗ ରାଜକୁମାର' ଗପରେ ରାଜକୁମାରୀଙ୍କ ବାହାଘର ବିଷୟଟି ଭଲ ଲାଗିଲା।

– ପ୍ରତୀକ୍ଷା ନନ୍ଦ,
ପାଣିକୋଇଲି, ଯାଜପୁର

➢ ମୁସ୍କାନ୍‌ଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଜାଣି ଖୁସି ଲାଗିଲା। ସୁବର୍ଣ୍ଣପୁରର ଏହି ପ୍ରତିଭା ଆହୁରି ଆଗକୁ ଯାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜନ୍ତୁ ଏହାହିଁ କାମନା।

– ରବୀନ୍ଦ୍ର ସାହୁ,
ତାଳଚେର, ଅନୁଗୋଳ

➢ କବିତା 'ସାନ ହେଲେ ବି ଗୁଣର' ବେଶ୍ ଶିକ୍ଷଣୀୟ ଥିଲା। ବିଜ୍ଞାନ କଥାରୁ ପଥର ଖଣ୍ଡମାନ କାହିଁକି ପାଣିରେ ଭାସେ ଜାଣିପାରିଲି।

– ରାଜଶ୍ରୀ ଦାସ,
ଜାଗମରା, ଭୁବନେଶ୍ୱର

➢ ପୃଷ୍ଠା ୩ରେ ସ୍ଥାନିତ ଆସ ଜାଣିବା ସ୍ତମ୍ଭରୁ ବାର୍ବି ମ୍ୟାନ୍‌ଙ୍କ ବିଷୟରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା।

– ଅନୁଭବ ବେହେରା, ଖୁଣ୍ଟପାଲି,
ବଲାଙ୍ଗୀର

# ଗୁହାରି ଶୁଣିଲେ ଜିଲାପାଳ

ଗପ



ପାହାଡ଼ ତଳେ ଝରଣା କୂଳେ ଛୋଟ ଗାଁ ଟିଏ । ନାଁ ତା'ର ଗୋବିନ୍ଦପୁର। ପ୍ରାୟତଃ ବଣୁଆ ଆଦିବାସୀ ଲୋକ ବସବାସ କରୁଥାନ୍ତି । ସେମାନଙ୍କର ଶିକ୍ଷା, ଦୀକ୍ଷା, ସଂସ୍କାର ଉପରେ ଧ୍ୟାନ ନ ଥାଏ । କେବଳ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରିବା ଆଉ ଜଙ୍ଗଲ ପାହାଡ଼ ସଫାକରି ପୋଡୁଚାଷ କରି ଜୀବିକା ନିର୍ବାହ କରନ୍ତି । ନିୟମିତ ଭାବେ ବଣରୁ ପଶୁପକ୍ଷୀ ଶିକାର କରି ମାଂସ ଖାଇବା ଏବଂ ମହୁଲି ମଦ ତିଆରିକରି ପିଇବା ଗ୍ରାମ ଲୋକଙ୍କର ପ୍ରିୟ ଅଭ୍ୟାସ । ସନ୍ଧ୍ୟା ହେଲେ ମଦ୍ୟପାନ କରି ମାଦଳବଜାଇ ନାଚ ଗୀତର ଆସର ଜମାନ୍ତି ।

ସେହି ଗ୍ରାମରେ ଏଇ କିଛିବର୍ଷ ହେବ ସରକାରଙ୍କ ତରଫରୁ ପିଲାମାନେ ପାଠ ପଢ଼ିବା ପାଇଁ ବିଦ୍ୟାଳୟଟିଏ ଖୋଲାଯାଇଛି । ଦିନବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଆସି ପାଠ ପଢ଼ାଇ ଯାଆନ୍ତି । ମାତ୍ର ସେହି ପାଠକୁ ସକାଳ ସନ୍ଧ୍ୟାରେ ନ ପଢ଼ିଲେ ଠିକ୍ ଭାବେ ମନେ ରହିବ ନାହିଁ କି ପରୀକ୍ଷାରେ ଭଲ ନମ୍ବର ରଖିହେବ ନାହିଁ ଭାବି ଛୋଟ ପିଲାମାନେ ସକାଳ ସନ୍ଧ୍ୟାରେ ପାଠ ପଢ଼ିବାକୁ ବିନା ପଇସାରେ ପଢ଼ାଉଥିବା ଗୋପାଳ ଗୁରୁଜୀଙ୍କ ପାଖକୁ ଯାଆନ୍ତି । କିନ୍ତୁ ଗାଁ ଲୋକ ଅଶିକ୍ଷିତ ତେଣୁ ଶିକ୍ଷାର ମାନ ବୁଝନ୍ତି ନାହିଁ । ସନ୍ଧ୍ୟା ହେଲେ ଯେଉଁଠାରେ ପାଠ ପଢ଼ାହୁଏ ଗାଁ ଲୋକେ ମଦ ପିଇ ସେହିଠାରେ ତାସ, ଲୁଡୁ, ଜୁଆ ଖେଳିବା ସହ ନାଚଗୀତ କରନ୍ତି । ତେଣୁ ପାଠପଢ଼ା ଠିକ୍ ଭାବରେ ହୋଇପାରେ ନାହିଁ । ଲୋକଙ୍କୁ ଯେତେ ପ୍ରକାର ବୁଝାଇଲେ ମଧ୍ୟ କେହି ବୁଝିବାକୁ ନାରାଜ । ମଦ୍ୟପ ଲୋକଙ୍କ ସହ ସବୁଦିନ ପାଟିତୁଣ୍ଡ କରିବା ଠିକ୍ ନୁହଁ ଭାବି ପିଲାମାନେ ଚୁପ୍ ରହିଲେ ।

ଦିନେ ଜିଲାପାଳ ସେହି ପାଖ ଗାଁକୁ ଆପତ୍ତି ଅଭିଯୋଗ ଶୁଣିବାକୁ ଆସିଥାଆନ୍ତି । ଏହି ସମୟରେ ଗାଁ ଛୋଟ ପିଲାମାନେ ତାଙ୍କ ସହିତ ଯାଇ ଜିଲାପାଳଙ୍କୁ କହିଲେ – ମହାଭାଗ, ଆମ ବାପାମାଆ ସବୁଦିନ ପାଠ ପଢ଼ିବାକୁ ସ୍କୁଲ ଛାଡୁନାହାନ୍ତି । ଯେଉଁଦିନ ଅଣ୍ଡା ଦିଆଯିବ, ଟଙ୍କା ପଇସା, ପୋଷାକ କିମ୍ବା ଅନ୍ୟ କୌଣସି ଜିନିଷ ବଣ୍ଟନ ହେଉଛି ସେହିଦିନ ପଠାଉଛନ୍ତି। ସକାଳ ସନ୍ଧ୍ୟାରେ ଠିକ୍ ଭାବରେ ପାଠ ପଢ଼ିହେଉ ନାହିଁ । ଗ୍ରାମରେ ନିୟମିତ ଦେଶୀ ମଦ ତିଆରି ହେଉଛି ଏବଂ ଅବାଧରେ ଜଙ୍ଗଲ ପଶୁପକ୍ଷୀ ଶିକାର ଚାଲିଥିବା କଥା ମଧ୍ୟ କହିଦେଲେ ।

ପିଲାମାନଙ୍କର ସାହସ ଦେଖି ଜିଲାପାଳ ବହୁତ ଖୁସି ହୋଇଗଲେ । ଭୂୟସୀ ପ୍ରଶଂସା କରିବା ସହ ପୁରସ୍କାର ବାବଦରେ କିଛିଦିନ ପରେ ସେହି ଗ୍ରାମରେ ଏକ ହଷ୍ଟେଲ ବ୍ୟବସ୍ଥା କରିଦେଲେ, ଯେଉଁଠାରେ ରହି ଆରାମରେ ପିଲାମାନେ ପାଠ ପଢ଼ିଲେ । ତା'ସହିତ ଅବକାରୀ ବିଭାଗ ମାଧ୍ୟମରେ ଗ୍ରାମର ସମସ୍ତ ଦେଶୀ ମଦଭାଟି ଉଠାଇଦେବା ସହ ଚୋରାମଦ ବେପାରୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ମିଳିବା ବ୍ୟବସ୍ଥା କରାଇଦେଲେ । ପଶୁପକ୍ଷୀ ଶିକାର ପ୍ରତି ମଧ୍ୟ କଡ଼ା ଦୃଷ୍ଟି ଦେଲେ ।

**–ପ୍ରତାପ ମହାନ୍ତ**
ସମ୍ପାଦକ, ଗଳାହାର, ଘଟଗାଁ
କେନ୍ଦୁଝର, ମୋ: ୮୨୪୯୪୦୪୪୪୦

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଖିଲି ଖିଲି ହସ

ଜଣେ ଇଂଜିନିୟରିଂ ଛାତ୍ର ଛାତ ଉପରେ ଠିଆ ହୋଇଥିବାର ଦେଖି ପଡିଶା ଘରର ଅଙ୍କଲ ପଚାରିଲେ–ଆରେ ପୁଅ ଆଗକୁ କ'ଣ କରିବ ଭାବିଛ ?
ଛାତ୍ର– ମୁଁ ଖାଲି ଭାବିଛି ଟାଙ୍କି ଭର୍ତ୍ତି ହୋଇଗଲେ ମଟରଟା ବନ୍ଦ କରିଦେବି।

ଭିକାରୀ ଜଣେ ମହିଳାଙ୍କୁ ଦେଖି କହିଲା– ମା' କ'ଣ ଟିକେ ଖାଇବାକୁ ଦିଅନ୍ତୁ ?
ମହିଳା: ଏବେ ରୁଟି ହୋଇନି, ହେଲେ ଆସିବ ?
ଭିକାରୀ: ହଉ ଠିକ୍ ଅଛି, ମୋ ମୋବାଇଲ୍ ନମ୍ବର ରଖ ମୋତେ ମିସ୍‌ଡ୍ କଲ କରିବ।
ମହିଳା: ଆରେ ମିସଡ୍ କଲ କାଇଁ ଦେବି ଏବେ ତ ହ୍ୱାଟ୍ସଆପ୍ ଅଛି, ସହଜରେ ମୁଁ ହ୍ୱାଟ୍ସଆପ୍‌ରେ ପଠାଇଦେବି। ସିଧା ଡାଉନ୍‌ଲୋଡ୍ କରି ଖାଇଦେବ।

(ମା' ପୁଅ ମଧ୍ୟରେ କଥାବାର୍ତ୍ତା)
ମା' ପୁଅ ଉପରେ ରାଗି କହିଲେ : ତୁ, କାହିଁ ତୋ କେଶ କାଟୁନୁ ?
ପୁଅ: ଅସୁବିଧା କ'ଣ ହେଲା ମା' ଆଜିକାଲିର ଫ୍ୟାଶନ୍ ଇଏ।
ମା: ନିଆଁ ଲାଗୁ ତୋ ଫ୍ୟାଶନ୍‌କୁ, ଆଜି ତୋ ଭଉଣୀକୁ ଦେଖିବାକୁ ଆସିଥିଲେ, ହେଲେ ତୋତେ ପସନ୍ଦ କରିକି ପଳାଇଲେ।



ବିନ୍ଦୁ ଯୋଡ଼

ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf
of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795





## ଆସ ଜାଣିବା

# ଗୁଡି ପର୍ବ

ମକର ସଂକ୍ରାନ୍ତିରେ ଭାରତର ବିଭିନ୍ନ ସ୍ଥାନରେ ଗୁଡି ଉଡେଇବାର ପରମ୍ପରା ରହିଛି । ଗୁଜରାଟ, ତେଲେଙ୍ଗାନା, ରାଜସ୍ଥାନ ଆଦି ରାଜ୍ୟରେ ଏହି ଅବସରରେ ଗୁଡିଉଡା ପର୍ବ ମଧ୍ୟ ପାଳନ କରାଯାଇଥାଏ । ଗୁଡି ଉଡେଇବା ବିଶେଷତ୍ୱ ଲାଗି ରାଜସ୍ଥାନକୁ 'କାଇଟ୍ କ୍ୟାପିଟାଲ' ବୋଲି କୁହାଯାଏ । ଏହି ଅବସରରେ ଗୁଜରାଟର ଅହମ୍ମଦାବାଦ୍‌ରେ ପ୍ରତିବର୍ଷ ଅନ୍ତର୍ଜାତୀୟ କାଇଟ୍ ଫେଷ୍ଟିଭାଲ ଆୟୋଜନ କରାଯାଇଥାଏ । ଏହି ଉତ୍ସବରେ ପୃଥିବୀର ବିଭିନ୍ନ ଦେଶ ଯଥା ଜାପାନ, ଚାଇନା, ମାଲେସିଆ, ଇଂଲଣ୍ଡ, ଫ୍ରାନ୍ସରୁ ଅନେକ ପ୍ରତିଯୋଗୀ ଏଥିରେ ଭାଗ ନେଇଥାନ୍ତି । ଏହି ପ୍ରତିଯୋଗିତାରେ କାଗଜରେ ତିଆରି ଗୁଡି ବ୍ୟତୀତ ବିଭିନ୍ନ ଦେଶର ପାରମ୍ପରିକ ଗୁଡି ମଧ୍ୟ ଉଡାଯାଇଥାଏ । ଯେପରିକି ମାଲେସିଆର ୱାଙ୍ଗ ବଲଙ୍ଗ କାଇଟ, ଇଣ୍ଡୋନେସିଆର ଲୟାଙ୍ଗ ଲୟାଙ୍ଗ କାଇଟ୍, ଆମେରିକାର ଜିଆଣ୍ଟ ବ୍ୟାନର୍ କାଇଟ୍, ଜାପାନର ରୋକାକୁ ଫାଇଟର୍ କାଇଟ୍, ଚାଇନାର ଡ୍ରାଗନ କାଇଟ୍ ଇତ୍ୟାଦି । ପାରମ୍ପରିକ ଗୁଡି ବ୍ୟତୀତ ବିଭିନ୍ନ ପ୍ରକାରର ଆଧୁନିକ ଡିଜାଇନ୍‌ର ଗୁଡି ଯେପରି ବିଭିନ୍ନ ପ୍ରାଣୀ, କାର୍ଟୁନ ଚରିତ୍ର, ପ୍ରଜାପତି, ଫୁଲ ଆଦି ଆକାରର ଗୁଡି ମଧ୍ୟ ଏହି ଉତ୍ସବରେ ଉଡାଯାଇଥାଏ । ସେହିଭଳି ତେଲେଙ୍ଗାନାରେ ମଧ୍ୟ ଏହି ପର୍ବକୁ ତିନି ଦିନ ବ୍ୟାପୀ ପାଳନ କରାଯାଇଥାଏ । ଏହି ଅବସରରେ ଏଠାରେ ଗୁଡି ଉଡା ବ୍ୟତୀତ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ବିଭିନ୍ନ ରକମର ଗୁଡି ପ୍ରଦର୍ଶନୀ ଏବଂ ଗୁଡି ପ୍ରସ୍ତୁତିର କର୍ମଶାଳା ମଧ୍ୟ ଆୟୋଜନ କରାଯାଇଥାଏ । ତେବେ ରଙ୍ଗ ବେରଙ୍ଗର ବିଭିନ୍ନ ରକମର ଗୁଡି ଆକାଶରେ ଉଡିବାର ଦୃଶ୍ୟ ନିଶ୍ଚିତ ଭାବେ ଏକ ମନମୁଗ୍ଧକର ପରିବେଶ ସୃଷ୍ଟି କରେ ।





୧
**ପ୍ରତ୍ୟୁଷା ମିଶ୍ର**
କ୍ଲାସ – ବୋଧ,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ଖଲ୍ଲିକୋଟ, ଗଞ୍ଜାମ



୨
**ଆଦିତ୍ୟ କୁମାର ବେହେରା**
କ୍ଲାସ-୭,ସେଣ୍ଟ ଜାଭିୟର୍ସ
ଇଣ୍ଟରନ୍ୟାଶନାଲ୍ ସ୍କୁଲ,
କଳାରାହାଙ୍ଗ, ପଟିଆ,
ଭୁବନେଶ୍ୱର



୩
**ପୃଥ୍ୱୀରାଜ ମିଶ୍ର**
କ୍ଲାସ-୧୦, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ଗୋସାଣିନୂଆଗାଁ,
ବ୍ରହ୍ମପୁର, ଗଞ୍ଜାମ



୪
**ଆଦର୍ଶ ରୟ**
କ୍ଲାସ-୭, ଗୋପବନ୍ଧୁ
ହାଇସ୍କୁଲ,
ବେଗୁନିଆ,ଖୋର୍ଦ୍ଧା



୫
**ନନ୍ଦିନୀ ମହାପାତ୍ର**
କ୍ଲାସ-୭, ଆଦିତ୍ୟ
ବିର୍ଲା ପବ୍ଲିକ୍ ସ୍କୁଲ,
କାକୁଡିଆ,
ଜଟଣୀ



୬
**ମନିଷା ପାଢୀ**
କ୍ଲାସ-୮,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ନରେନ୍ଦ୍ରପୁର, ଗଞ୍ଜାମ



୭
**ପ୍ରତୀକ୍ଷା ସାମନ୍ତରାୟ**
କ୍ଲାସ-୫,
ଡିଏଭି ପବ୍ଲିକ୍ ସ୍କୁଲ,
ପୁରୀ




୮
**ସୌମ୍ୟ ସୌଭିକ୍**
କ୍ଲାସ-୮, ସେଣ୍ଟ ଜାଭିୟର୍ସ
ଇଣ୍ଟରନ୍ୟାଶନାଲ୍ ସ୍କୁଲ,
କଳାରାହାଙ୍ଗ, ପଟିଆ,
ଭୁବନେଶ୍ୱର



୯
**ଯୋଦ୍ଧାଜିତ୍ ଧରୁଆ**
କ୍ଲାସ- ୭, ବାଘମୁଣ୍ଡା
ଉ.ପ୍ରା.ବିଦ୍ୟାଳୟ,
ପାଟଣାଗଡ,
ବଲାଙ୍ଗୀର



୧୦
**ନମିତା ବରିହା**
କ୍ଲାସ-୬, ବାଘମୁଣ୍ଡା
ଉ.ପ୍ରା.ବିଦ୍ୟାଳୟ,
ପାଟଣାଗଡ,
ବଲାଙ୍ଗୀର




୧




୨



୩




୪



୫



୭



୯





୬



୮





୧୦

# ମକର ସଂକ୍ରାନ୍ତି



**ମା**ଘ ସଂକ୍ରାନ୍ତିକୁ 'ମକର ସଂକ୍ରାନ୍ତି'
ବୋଲି କହେ ସାରା ଦେଶ,
ପାହାନ୍ତାରୁ ନଦୀ ସ୍ନାନ, ସୂର୍ଯ୍ୟପୂଜା କରି
ପାଳିବା ଦିବସ।
ବାରମାସ ପରି ବାର ରାଶି ଅଛି
ରାଶିରୁ ରାଶି ଚଳନ,
ଚଳନ ଦିବସ ସଂକ୍ରାନ୍ତି ବୋଲାଏ
ରଖିଥିବ ସଦା ମନ।
ମାଘମାସ ବଡ଼ ପବିତ୍ର ଅଟଇ
ଧର୍ମମାସ ଏହା ନାମ,
କୃଷିଭିତ୍ତିକ ପର୍ବ ପାଳନ ପାଇଁ
ମକର ପରବ ନାମ।
ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ହୋଇଥାଏ
ବଢ଼େ ଧୀରେ ଧୀରେ ଦିନ,
ମକର ଚାଉଳ, କଳା ରାଶିଲଡ୍ଡୁ
କରିବା ଆମେ ସେବନ।
ମହାନ୍ ଏ ଦେଶ, ମହାନ୍ ସଂସ୍କୃତି
ଧର୍ମରେ ଅଛି ବିଜ୍ଞାନ,
ନୀତି ନିୟମକୁ ପାଳି ଚଳୁଥିଲେ
ହୋଇବା ଆମେ  ମହାନ୍।
ମାଘମାସ ଜାଡ଼ ବାଘପରି
ମାଡ଼ି ଆସିବା ଆଗରୁ ଆସ,
ନୀଳ ଗଗନରେ ଗୁଡ଼ି ଉଡ଼ାଇବା
ଶୀତଯିବ ନିଜ ଦେଶ।





– **ଗଙ୍ଗୋତ୍ରୀ ଦେବୀ,**
ପ୍ରଧାନ ଶିକ୍ଷୟିତ୍ରୀ, ଏଗ୍ରିକଲଚର କଲୋନୀ ପ୍ରାଥମିକ
ବିଦ୍ୟାଳୟ, ୟୁନିଟ୍-୮, ଭୁବନେଶ୍ୱର



# ଶୀତ


## କବିତା

**ମେ**ଘ ନାହିଁକି ବରଷା ନାଇଁ
ଆକାଶ ନିରିମଳ
ଶିଶିରଝରା ଶୀତ ସକାଳ
ମହକେ ଫୁଲଫଳ।
ଝରଣା ନଈ ବହୁଛି ଗାଇ
ଲହରି ଛଳଛଳ
କୃଷକ ଭାଇ ଆନନ୍ଦ ମନେ
ଶସ୍ୟ କରେ ଅମଳ।
କାଲୁଆ ବାଆ ବହଇ ଧୀରେ
ଶୀତ ଯାଉଛି ବଢ଼ି
ସକାଳୁ ସଞ୍ଜ ସଭିଏଁ ବୁଲନ୍ତି
ଶୀତ ବସନ ଭିଡି।
ମନଟା ଚାହେଁ ସକାଳ ଖରା
ନିଆଁ ଉଷୁମ ପାଇଁ
ହାତ ପାଦଟା ଦେବାକୁ ସେକି
ତା' ପାଖେ ଯାଏ ଧାଇଁ।
ପୂଜା ପରବ ନେଇ ଆସଇ
ଧରାକୁ ଶୀତ ଦିନ
ଭୋଜି ଭାତରେ ସାଙ୍ଗ ମେଳରେ
ହସଇ ପ୍ରତି ମନ।

–**ସୁଶ୍ରୀ ସବିତା ଭୋଇ**
ସମ୍ପାଦିକା, ଇନ୍ଦ୍ରଧନୁଦମ୍‌କିପାଲି,
ପାଟଣାଗଡ଼, ବଲାଙ୍ଗୀର




# ପାର୍ଥକ୍ୟ ଦର୍ଶାଅ



# କହିଲ ଦେଖି

## ୧



**ବି**ଲେଇ ପରିକା ଜନ୍ତୁଟି ସିଏ
ଜଙ୍ଗଲେ ତା'ର ଘର
ଶୁଣିଲେ ଥରେ ଗର୍ଜନ ତା'ର
ଲାଗଇ ଭାରି ଡର।
ବିଲେଇ ସିନା ଅଟଇ ସାନ
ଅଟଇ ସିଏ ବଡ଼
ଜାତୀୟ ନାମେ ନାମିତ ସିଏ
ଖାଏ ମାଉଁସ ହାଡ଼।

ଉତ୍ତର: **ବାଘ**


## ୨



**ଚା**ରୋଟି ଗୋଡ଼ ଥାଇ ତାହାର
ଚାଲେନି  ସିଏ କେବେ
ସବୁବେଳେ ସେ ପାଖରେ ରହି
ଆମକୁ ନିତି ସେବେ।
ଆମରି ପାଇଁ  ସାଜଇ ସିଏ
ସବୁ ରାତିର ସାଥୀ
ବୁଝି ବିଚାରି ପାରିବ କିଏ
କୁହ ତା'ର ନାମଟି।

ଉତ୍ତର:  **ଖଟ/ପଲଙ୍କ**

## ୩



କେବେ ଆଗରେ ସେ
କେବେ ପଛରେ
ସବୁବେଳେ ଥାଏ
ଆମ ସାଥିରେ।
ଆମକୁ ଛାଡି ସେ
ପାରେନି ରହି
କିଏ ସେ ପାରିବ
ନାମ ତା' କହି।

ଉତ୍ତର: **ଛାଇ**

– **ପ୍ରଶାନ୍ତ କୁମାର ନାଥ**
*ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର, ଯାଜପୁର*
*ମୋ: ୮୮୯୨୩୦୧୧୪୩*

# ଏଥର ପ୍ରଶ୍ନ



- କେରଳର ମୁଖ୍ୟ ଭାଷାର ନାମ କ'ଣ ?
- କର୍ଣ୍ଣାଟକର ମୁଖ୍ୟ ଭାଷା କେଉଁଟି ?
- ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାର ମୁଖ୍ୟ ଭାଷା କ'ଣ ?
- ତାମିଲନାଡୁର ମୁଖ୍ୟ ଭାଷା କେଉଁଟି ?
- ମହାରାଷ୍ଟ୍ରର ମୁଖ୍ୟଭାଷା କ'ଣ ?

# ଆରଥରର ଉତ୍ତର

- ଗଙ୍ଗାଧର ମେହେର
- ଫକୀର ମୋହନ ସେନାପତି
- ଉପେନ୍ଦ୍ର ଭଞ୍ଜ
- ଗୋପୀନାଥ ମହାନ୍ତି
- ରାଧାନାଥ ରାୟ
- କାଳିନ୍ଦୀ ଚରଣ ପାଣିଗ୍ରାହୀ

# ତୁମ ପଢ଼ିବା ପାଇଁ

## ଝିଅ ନୁହେଁ ସେ ହୀରାଟିଏ

**ଆ**ଜିକାଲି ପୁଅ ମାନଙ୍କ ତୁଳନାରେ ଝିଅମାନେ କିଛି କମ୍ ନୁହନ୍ତି। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। ସେମାନଙ୍କୁ ଅବହେଳା କରିବା ପରିବର୍ତ୍ତେ ଉତ୍ସାହିତ କରବା ଦରକାର। ଏଭଳି ବାର୍ତ୍ତା ରହିଛି ନିକଟରେ ପ୍ରକାଶିତ ଶିଶୁ ନାଟକ 'ଝିଅ ନୁହେଁ ସେ ପୁଅଟିଏ'ରେ। ନାଟ୍ୟକାର ଅଜୟ କୁମାର ସେଠୀ ଏଥିରେ ୧୦ ଜଣ ଚରିତ୍ରଙ୍କୁ ନେଇ ବେଶ୍ ସୁନ୍ଦର ଭାବରେ ନାଟକଟିକୁ ରଚନା କରିଛନ୍ତି। ୪୦ପୃଷ୍ଠା ବିଶିଷ୍ଟ ଏହି ଶିଶୁ ନାଟକର ମୂଲ୍ୟ ରହିଛି ୧୫ଟଙ୍କା।

ଯୋଗାଯୋଗ :–
ଅଜୟ କୁମାର ସେଠୀ, ଅଞ୍ଜିରା,
ପୋ:ଓହ୍ଲାଣ, ଭାୟା:ନିରାକାରପୁର,
ପୁରୀ



# ଜଣା ଅଜଣା



## ସୁସ୍ଥ ଶରୀର ପାଇଁ ଫଳ

ସବୁଜ ଫଳ ହାଡ଼ ଏବଂ ଦାନ୍ତକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ସେହିଭଳି ନାଲି ଫଳ ହୃତ୍‌ପିଣ୍ଡ ସୁସ୍ଥ ରଖିବାରେ ସାହାଯ୍ୟ କରୁଥିବା ବେଳେ ନୀଳ ଏବଂ ବାଇଗଣି ରଙ୍ଗର ଫଳ ସ୍ମରଣ ଶକ୍ତି ବୃଦ୍ଧି କରିଥାଏ ।



## ହାୱା ମହଲ

ନାଲି ଏବଂ ଗୋଲାପି ପଥରରେ ନିର୍ମିତ ହାୱା ମହଲ ଭିତରକୁ ପ୍ରବେଶ କରିବା ଲାଗି ସାମ୍ନା ପଟେ କୌଣସି ଦ୍ୱାର ନାହିଁ । ପର୍ଯ୍ୟଟକମାନେ ଏହାର ପଛ ଦ୍ୱାର ଦେଇ ଭିତରକୁ ପ୍ରବେଶ କରିଥାନ୍ତି ।



## ମହାକାଶରେ ବଢ଼ିଯାଇଥାଏ ଉଚ୍ଚତା

ନାସାର ଏକ ଗବେଷଣାରୁ ଜଣାଯାଏ ଯେ ମହାକାଶରେ ପହଞ୍ଚିବା ପରେ ମହାକାଶଚାରୀଙ୍କ ଉଚ୍ଚତା ୨–୩ ପ୍ରତିଶତ ବଢ଼ିଯାଇଥାଏ ।



## ହୃଦ୍‌ସ୍ପନ୍ଦନ ବେଗ

ପୁରୁଷମାନଙ୍କ ଅପେକ୍ଷା ମହିଳାମାନଙ୍କ ହୃଦ୍‌ସ୍ପନ୍ଦନ ବେଗ ଅଧିକ ଥାଏ ।



## ଇସ୍ତାନବୁଲ

ତୁର୍କୀର ଇସ୍ତାନବୁଲ ଏପରି ଏକ ସହର ଯାହା ଦୁଇଟି ମହାଦେଶ ମଧ୍ୟରେ ଅବସ୍ଥିତ । ଇସ୍ତାନବୁଲର ଗୋଟିଏ ଅଂଶ ଏସିଆ ମହାଦେଶରେ ଏବଂ ଅନ୍ୟ ଅଂଶଟି ୟୁରୋପ ମହାଦେଶରେ ଅବସ୍ଥିତ ।




**ଟାଲକମ୍ ପାଉଡର:** ଆମେ ଲଗାଉଥିବା ପାଉଡର ଟାଲକମ୍ ନାମକ ଖଣିଜପଥରରୁ ପ୍ରସ୍ତୁତ । ତେଣୁ ଏହାକୁ ଟାଲକମ୍ ପାଉଡର ବୋଲି କୁହାଯାଏ ।



## ଏମ୍ପରର୍ ପେଙ୍ଗୁଇନ

ସାଧାରଣତଃ ମାଈ ପକ୍ଷୀମାନେ ଅଣ୍ଡା ଉଷୁମାଇ ଛୁଆଜନ୍ମ କରୁଥିବା ବେଳେ, ପୁରୁଷ ଏମ୍ପରର୍ ପେଙ୍ଗୁଇନ ଅଣ୍ଡା ଉଷୁମାଇ ଛୁଆଜନ୍ମ କରିଥାଏ ।



## ହଳଦିଆ ରଙ୍ଗର ବାଦୁଡ଼ି

ସାଧାରଣତଃ ବାଦୁଡ଼ିର ରଙ୍ଗ କଳା ଏବଂ ଧୂସର ହୋଇଥିବା ବେଳେ କିଛି ବାଦୁଡ଼ିଙ୍କ ରଙ୍ଗ ହଳଦିଆ ବି ଥାଏ ।


# ଆ ଇ ନା



ତେଜସ୍
୬ ବର୍ଷ



ମୁକ୍ତା
୯ ବର୍ଷ



ସାଇ
୬ ବର୍ଷ